## ବ୍ଲକସ୍ତରୀୟ କ୍ରୀଡା ପରିଷଦ ଗଠିତ

ରାଜନଗର, (ଡି.ଏନ.ଏ.) ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡାର ବିକାଶ ଲାଗି ରାଜନଗର ବ୍ଲକସ୍ତରୀୟ କ୍ରୀଡା ପରିଷଦ ସୋମବାର ଗଠନ ହୋଇଛି। ସାବିତ୍ରୀ ଦେବୀ ବାଳିକା ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ଶାରୀରିକ ଶିକ୍ଷକଙ୍କୁ ନେଇ ବୈଠକ ହୋଇଥିଲା। ଏଥିରେ ସଭାପତି ଭାବେ ବ୍ଲକ ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ, ଉପସଭାପତି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକ, ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ କ୍ରୀଡା ଶିକ୍ଷକ ସୀତାକାନ୍ତ ରାଉଳ, ପରିଷଦର ସଭ୍ୟମାନେ ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ରାଉତ, ମହେଶ୍ୱର ରାଉତ ପ୍ରମୁଖ ମନୋନୀତ ହୋଇଛନ୍ତି।

### ସଂକ୍ଷେପରେ

## ଶ୍ରମିକଙ୍କ ମୃତଦେହ ଗାଁରେ ପହଞ୍ଚିଲା

ବରୀ,୨୫।୧(ଡି.ଏନ.ଏ.): ବରୀ ବ୍ଲକ୍ ଅଧୀନ ଅଟିରା ପଞ୍ଚାୟତ ମସୁରୀ ଗ୍ରାମର ଜନ୍ମେଜୟ ମଲ୍ଲିକ ଚେନ୍ନାଇରେ ଶ୍ରମିକ ଭାବେ କାମ କରୁଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ତରଫରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ତାଙ୍କ ପରିବାର ପକ୍ଷରୁ ବରୀ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରାଯାଇଥିଲା । ଏ ସଂକ୍ରାନ୍ତରେ ଯାଜପୁର ପୋଲିସ ଚେନ୍ନାଇ ପୋଲିସ ସହ କଥା ହେବା ପରେ ତନାଘନା ଆରମ୍ଭ ହୋଇଥିଲା । ଚେନ୍ନାଇ ପୋଲିସ ଏହି ଘଟଣାରେ ମସୁରୀ ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିଛି। ସେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ବୋଲି ପୋଲିସ ଆଗରେ ସ୍ୱୀକାର କରିଥିବା ଖବର ମିଳିଛି। ସୋମବାର ଜନ୍ମେଜୟଙ୍କ ମୃତଦେହ ବରୀରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସହ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ସ୍ୱାବଲମ୍ବୀ କାରିଗରଙ୍କ ୭ ଦଫା ଦାବିପତ୍ର

ଏରସମା,୨୫।୧(ସ୍ୱ.ପ୍ର.): ଏରସମା ବ୍ଲକ ଅନ୍ତର୍ଗତ ପାନୀୟ ଜଳ ଓ ପରିମଳ ବିଭାଗରେ କାର୍ଯ୍ୟରତ ସ୍ୱାବଲମ୍ବୀ କାରିଗରଙ୍କ ପକ୍ଷରୁ ୭ ଦଫା ଦାବିପତ୍ର ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦିଆଯାଇଛି। ଦାବିଗୁଡ଼ିକ ମଧ୍ୟରେ କୁଶଳୀ କାରିଗରଙ୍କୁ ଜଳ ଯୋଗାଣ କର୍ମଚାରୀର ମାନ୍ୟତା ପ୍ରଦାନ, କାରିଗରମାନଙ୍କ ନିଯୁକ୍ତିରେ ଅଗ୍ରାଧିକାର, ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଉପଯୁକ୍ତ ପାରିଶ୍ରମିକ ପ୍ରଦାନ, ପଞ୍ଚାୟତ ପକ୍ଷରୁ ପାଇବାକୁ ଥିବା ଅର୍ଥ ପ୍ରଦାନ, ପମ୍ପ ପରିଚାଳନା ପାଇଁ ସମୟ ସାରଣୀ ପ୍ରସ୍ତୁତ କରିବା ଓ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦେବା ଆଦି ଅନ୍ତର୍ଭୁକ୍ତ। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସଭାପତି ପ୍ରଦୀପ୍ତ ରାମ, ଦୀଲିପ ସେଠୀ, ନିମାଇଁ ମୁଦୁଲି ଓ ସୁବୋଧ କୁମାର ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## ଭଲି ଟୁର୍ନାମେଣ୍ଟ: ବାଇଗୁଣିଆ ଚାମ୍ପିୟନ

ଖଣ୍ଡପଡା,୨୫।୧(ସ୍ୱ.ପ୍ର.) : ଶ୍ରୀନୀଳମାଧବ ସ୍ପୋର୍ଟିଂ କ୍ଲବ କଣ୍ଟିଲୋ ଆନୁକୂଲ୍ୟରେ ରବିବାର ଆୟୋଜିତ ଦିବାରାତ୍ର ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟରେ ବାଇଗୁଣିଆ ଭଲି କ୍ଲବ ୨-୧ ସେଟରେ କୋସକା ଭଲିଟିମ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ବିଳମ୍ବିତ ରାତିରେ ଚାମ୍ପିୟନ ବାଇଗୁଣିଆ ଭଲି ଟିମ୍ ଓ ରନର୍ସ ଅପ ଦଳ କୋସକା ଦଳଙ୍କୁ ଟ୍ରଫି ସହ ଟଙ୍କା ଅତିଥିମାନେ ପୁରସ୍କୃତ କରିଥିଲେ। ଦିବାରାତ୍ର ମ୍ୟାଚରେ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି , ସମ୍ମାନିତ ଅତିଥି ଭାବେ ମାନସ କୁମାର ସାହୁ, ପ୍ରତାପ ଚନ୍ଦ୍ର ସାହୁ, ଅଧ୍ୟାପକ ଓମ ପ୍ରକାଶ ସାହୁ ଓ ସୁଜଳ କୁମାର ମହାରଣା ଯୋଗଦେଇଥିଲେ । ରାଜେଶ ମହାରଣା, ରିତ କୁମାର ମହାରଣା ଓ ଶରତ ଚନ୍ଦ୍ର ସ୍ୱାଇଁ ଖେଳକୁ ପରିଚାଳନା କରିଥିଲେ। ଲାଇନସରେ ଶରତ ଚନ୍ଦ୍ର ଗଡନାୟକ, ଅଶିତ କୁମାର ସାହ ପ୍ରମୁଖ ସହଯୋଗ କରିଥିଲେ।

# ବାର୍‌ହାକୁ ପୀଡ଼କ ପ୍ରାଣୀ ଘୋଷଣା ହେଉ

କେନ୍ଦ୍ରାପଡା ଅଫିସ, ୨୫।୧

ଫସଲ, ମଣିଷ ଓ ସମ୍ପତ୍ତି ନଷ୍ଟ କରୁଥିବା ବନ୍ୟଜନ୍ତୁଙ୍କୁ ପୀଡକ (ଭର୍ମିନ) ପ୍ରାଣୀ ଭାବେ ଘୋଷଣା ହୋଇପାରିବେ। ଏଥିପାଇଁ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୧୯୭୨ର ଧାରା ୬୨ରେ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖିପାରିବେ। ବନ୍ୟପ୍ରାଣୀ ସିଡୁ୍ୟଲ ୧ ଓ ୨ରେ ଥିବା ବାର୍‌ହାକୁ ନିର୍ଦ୍ଦିଷ୍ଟ ସମୟ ଓ କଂସେଇଖାନାରେ ମରା ଯାଇପାରିବ। ଥରେ ଏହି ଜୀବ ସଂରକ୍ଷଣ କଟକଣାମୁକ୍ତ ହେଲେ ଅବାଧରେ ଶିକାର ହୋଇପାରିବ। ଏପରି ବ୍ୟବସ୍ଥା ଲାଗୁ କରିବାକୁ ଜାତୀୟଉଦ୍ୟାନ ଭିତରକନିକା ମଧ୍ୟରେ ରହୁଥିବା ଗ୍ରାମବାସୀ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଫସଲ ସହ ଧନଜୀବନ ଜଙ୍ଗଲୀ ବାର୍‌ହାଙ୍କ ଲାଗି ନଷ୍ଟ ହେଉଛି। ଅପରପକ୍ଷରେ ଏହାକୁ ପରିବେଶବିତ୍‌ମାନେ ବିରୋଧ କରିଛନ୍ତି।

ମହାକାଳପଡ଼ାର ତପନ କୁମାର ମଣ୍ଡଳ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ଫସଲକୁ ଜଙ୍ଗଲୀ ବାର୍‌ହା ନଷ୍ଟ କରୁଛନ୍ତି। ଫଳରେ ଚାଷୀ ଧାର କରଜ କରି ଚାଷ କରୁଥିଲେ ମଧ୍ୟ ଋଣ ଶୁଝି ପାରୁନାହାନ୍ତି। ଗ୍ରାମ ନିକଟ ଜଙ୍ଗଲରେ ତାର ଜାଲି ନ ଥିବାରୁ ବାର୍‌ହା ଚାଷ କ୍ଷେତକୁ ଆସି ଫସଲ ନଷ୍ଟ ସହ ମଣିଷଙ୍କୁ ଆକ୍ରମଣ କରୁଛନ୍ତି। କେତେଜଣ ଆକ୍ରମଣର ଶିକାର ହୋଇ ବିକଳାଙ୍ଗ ସହ ମୃତ୍ୟୁବରଣ କରିଛନ୍ତି। ବାର୍‌ହା ଉପଦ୍ରବରୁ ବଞ୍ଚିବାକୁ ଏମାନଙ୍କ ସଂଖ୍ୟା ହ୍ରାସ ପାଇବା ଆବଶ୍ୟକ। ସଂରକ୍ଷଣ ଆଇନକୁ ସ୍ଥାନୀୟ ଅଞ୍ଚଳର ସୁଲଭ ଜୀବନଯାତ୍ରା ପାଇଁ କୋହଳ କରିବାକୁ ସରକାର ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ରାଜନଗରର ସୁରେଶ କୁମାର ସରକାର କହିଛନ୍ତି, ଭିତରକନିକା ଅଞ୍ଚଳରେ ବାର୍‌ହା ଉପଦ୍ରବ ବଢ଼ିଯାଇଛି। ଏଠାରେ ୨୦୦୦ରୁ କମ୍ ବାର୍‌ହା ଥିବା ରାଜନଗର ବନ୍ୟପ୍ରାଣୀ ଡିଭିଜନ ଦର୍ଶାଉଥିଲେ ମଧ୍ୟ ଏହାଠାରୁ ଅଧିକ ଅଛନ୍ତି। ୨ ବର୍ଷ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ୨ ଜଣଙ୍କ ମୃତ୍ୟୁ ସହ ୫୦ରୁ ଅଧିକ ଲୋକ ବାର୍‌ହା ଆକ୍ରମଣର ଶିକାର ହେଲେଣି। ଈଶ୍ୱରପୁର ଗାଁର ୫ଜଣ ବ୍ୟକ୍ତି ୧୩ ତାରିଖରେ ବାର୍‌ହା ଆକ୍ରମଣର ଶିକାର ହୋଇଥିଲେ। ବର୍ଷସାରା ବାର୍‌ହା ମଣିଷକୁ ଆକ୍ରମଣ କରୁଥିବାରୁ ଏଠାରେ ଜନଜୀବନ ଅସୁରକ୍ଷିତ ହୋଇପଡିଛି। ୨୦୧୬ରେ ବିହାର ଓ ଉତ୍ତରାଖଣ୍ଡ ରାଜ୍ୟରେ ବାର୍‌ହାକୁ ପୀଡ଼କ ଘୋଷଣା କରାଯାଇଛି। ଉକ୍ତ ରାଜ୍ୟରେ ଏମାନଙ୍କ ଉପଦ୍ରବ କମିଯାଇଛି। ଅପରପକ୍ଷରେ ବାର୍‌ହାକୁ ପୀଡକ ଆଖ୍ୟା ଦେବାକୁ ପରିବେଶବିତ୍ ହେମନ୍ତ କୁମାର ରାଉତ ଓ ଡାଙ୍ଗମାଳର ଶୀକାନ୍ତ ଦାସ ବିରୋଧ କରିଛନ୍ତି। ସେମାନେ କହିଛନ୍ତି, ସ୍ଥାନୀୟ ଅଞ୍ଚଳରେ ବାର୍‌ହାଙ୍କ ଅପେକ୍ଷା ଶିକାରୀଙ୍କ ଉପଦ୍ରବ ବଢ଼ିଛି। ଦୁଇବର୍ଷ ମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ ବନ୍ୟଜନ୍ତୁ ଶିକାରୀଙ୍କୁ ବନବିଭାଗ ଧରିଛି। ଏଠାରେ ଥିବା ହରିଣ ମଧ୍ୟ ବାଦ ପଡୁନାହାନ୍ତି। ଜାତୀୟଉଦ୍ୟାନ ମଧ୍ୟରେ ବାଘ, ଭାଲୁ, ହାତୀ ନାହାନ୍ତି। ଏକମାତ୍ର ବାର୍‌ହାକୁ ହିଂସ୍ରପ୍ରାଣୀ ଭାବେ ଗଣାଯାଉଛି। ଏମାନଙ୍କ ଡରରେ ଜଙ୍ଗଲ ଜମି ଜବରଦଖଲରୁ ବଞ୍ଚିଯାଇଛି। ପୀଡକ ଘୋଷଣା ପରେ ଜଙ୍ଗଲରେ ଶିକାର ସହ ଗଛ ନଷ୍ଟ ହେବ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ କହିଛନ୍ତି, ସଂରକ୍ଷିତ ଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇଁ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରାମ ନିକଟରେ ତାର ଜାଲି ସହ ବନ କର୍ମଚାରୀ ପାଟ୍ରୋଲିଂ କରୁଛନ୍ତି। ଏହାସତ୍ତ୍ୱେ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିବିଶେଷଙ୍କୁ ସରକାରୀ ଧାର୍ଯ୍ୟ ମୁତାବକ କ୍ଷତିପୂରଣ ଦିଆଯାଉଛି। ଏମାନଙ୍କଠାରୁ ଦୂରେଇ ରହିବାକୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। କେତେକ କ୍ଷେତ୍ରରେ ବନ୍ୟଜନ୍ତୁଙ୍କୁ ମାରି ଦେବା ପରି ଘଟଣା ଦେଖିବାକୁ ମିଳୁଛି।

### ମଣିଷ- ଜଙ୍ଗଲୀ ଜନ୍ତୁ ଯୁଦ୍ଧ

- ନଷ୍ଟ କରୁଛନ୍ତି ଫସଲ, ଆକ୍ରମଣର ଶିକାର ହେଉଛନ୍ତି ମଣିଷ
- ବିହାର, ଉତ୍ତରାଖଣ୍ଡରେ ସରିଛି ଘୋଷଣା



# ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ



ରାମଚଣ୍ଡୀ ମନ୍ଦିରରୁ ଗହଣା ଚୋରି କରିଥିବା ୩ ଅଭିଯୁକ୍ତ ।

### ମା' ରାମଚଣ୍ଡୀ ମନ୍ଦିରରୁ ଗହଣା ଚୋରି ଘଟଣା

ମହାକାଳପଡ଼ା ୨୫।୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ପ୍ରସିଦ୍ଧ ଶକ୍ତିପିଠ ମା' ରାମଚଣ୍ଡୀ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଗହଣା ଚୋରି ହୋଇଥିଲା। ଏହି ଘଟଣାରେ ଜମ୍ବୁ ସାମୁଦ୍ରିକ ଥାନା ପୋଲିସ ସୋମବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ଗ୍ରୀଲ କାଟି ଗର୍ଭଗୃହ ଭିତରେ ପ୍ରବେଶ କରି ମା'ଙ୍କ ଶେଜ ତଳୁ ଚାବି ନେଇ ଟ୍ରେଜେରି ଖୋଲି ଦୁଇଟି ସୁନା ହାର, ମଙ୍ଗଳସୂତ୍ର, କାନଫୁଲ, ମା'ଙ୍କ ଗୋଟିଏ ଆଖି, ସୁନା କାଚ ଆଦି ଅନ୍ୟ ଅଳଙ୍କାର ଲୁଟି ନେଇଥିଲେ। ଚୋରି ପୂର୍ବରୁ ପୂଜକ ଶୋଇଥିବା ଘର ବାହାର ପଟୁ ତାଲା ଦେଇ ବନ୍ଦ କରି ଦେଇଥିଲେ। କୋଠରିରେ ଆବଦ୍ଧ ହୋଇ ରହିଥବା ପୂଜକ ପର୍ଶୁରାମ ଫୋନ ମାଧ୍ୟମରେ ମନ୍ଦିରର ମୁଖ୍ୟ ପୂଜକ ଓ ଥାନାକୁ ଜଣାଇଥିଲେ। ପୋଲିସ ଖବରପାଇ ଲୁଟେରାଙ୍କୁ ଧରିବାକୁ ବିଭିନ୍ନ ପୋଲିସ ଷ୍ଟେଶନ ଖବର ଦେଇଥିଲେ। ପୋଲିସ ଛାନ ଭିନ ସମୟରେ ଜାତୀୟ ରାଜପଥ ୫ ନଂ. (କ) ରେ ପୋଲିସ ପାଟ୍ରୋଲିଂ ଗାଡି ଦେଖି ଅଭିଯୁକ୍ତମାନେ ଏକ ବାଇକ୍ ଯୋଗେ ଦ୍ରୁତଗତିରେ ଯାଉଥିଲେ। ଛଘରିଆ ନିକଟରେ ବାଇକ୍ ଛାଡି ଖସି ପଳାଇବାକୁ ଉଦ୍ୟମ କରୁଥିଲା ବେଳେ ସ୍ଥାନୀୟ ଗ୍ରାମବାସୀ ଓ ପୋଲିସ ମିଳିତ ଭାବେ ଏହି ୩ ଅଭିଯୁକ୍ତଙ୍କୁ କାବୁ କରିଥିଲେ। କେନ୍ଦ୍ରାପଡ଼ା ପୋଲିସ ୩ ଅଭିଯୁକ୍ତଙ୍କୁ ରାଜନଗର ଥାନା ଅଞ୍ଚଳର ଦେବନାରାୟଣପୁର ଗାଁର ରମେଶ ରାଉତ(୨୦), ଭିତରଗଡ ଗାଁର ଜିତୁନ ତରାଇ (୨୧) ଓ କୁରୁଣ୍ଟି ଗାଁର ରଶ୍ମିରଞ୍ଜନ ପରିଡା(୨୧)ଙ୍କୁ ଜମ୍ବୁ ସାମୁଦ୍ରିକ ଥାନା ପୋଲିସ ଏମାନଙ୍କୁ ଅଟକ ରଖି ଅଧିକ ତଦନ୍ତ କରିଥିଲା। ଏମାନେ ରାଜ୍ୟ ବିଭିନ୍ନ ମଠ ମନ୍ଦିରରୁ ଅଳଙ୍କାର ଚୋରି ସହ ରାସ୍ତାରୁ ରାଜହାନୀ ଓ ଅନ୍ୟ ଆପରାଧିକ କାର୍ଯ୍ୟକଳାପ ଲିପ୍ତ ଥିବା ଆଇଆଇସି ମହେଶ୍ୱର ସେଠୀ କହିଛନ୍ତି। ଥାନା ପକ୍ଷରୁ ନଂ. ୧୯/୨୧ରେ ମାମଲା ରୁଜୁ ହୋଇଛି। ସେମାବର ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି।

# ଅଲିଭ ରିଡ୍‌ଲେ କଇଁଛ ସୁରକ୍ଷା ସଚେତନତା ଶିବିର




ଶାସିନପେଟାସ୍ଥିତ ଗହୀରମଥା ରେଞ୍ଜ କାର୍ଯ୍ୟାଳୟ ପରିସରରେ ସଚେତନତା ଶିବିର।

ମହାକାଳପଡ଼ା, ୨୫।୧ (ଡି .ଏନ .ଏ.)

ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳର ବିରଳ ପ୍ରଜାତିର ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ଜନ ସଚେତନତା ହେବା ଆବଶ୍ୟକ ବୋଲି ସୋମବାର ହୋଇଥିବା ଶିବିରରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ରାଜନଗର ବନଖଣ୍ଡ ଏସିଏଫ,ବିରଞ୍ଚି ନାରାୟଣ ସାମଲ, ପରିବେଶବିତ୍ ହେମନ୍ତ ରାଉତ, ବିଜୟ କବି, ତନ୍ତିଆପାଳ ଥାନା ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ, ସାମୁଦ୍ରିକ ମତ୍ସ୍ୟ ସହକାରୀ ଅଧିକାରୀ ଚନ୍ଦ୍ରଶେଖର ବେହେରା, ଗହୀରମଥା ରେଞ୍ଜର ଦେବାଶିଷ ଭୋଇ, ଓ ମତ୍ସଜୀବୀଙ୍କ ମଧ୍ୟରେ ଭକ୍ତ ରଞ୍ଜନ ମାହାଳୀ, ତୁଷାର ସଦ୍ଦାରଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ୨୫ରୁ ଆରମ୍ଭ ହେଲା ଇ-ଏପିକ୍ କାର୍ଡ଼

କେନ୍ଦ୍ରାପଡ଼ା ଅଫିସ, ୨୫।୧

କେନ୍ଦ୍ରାପଡ଼ା ଜିଲାରେ ଜାନୁୟାରୀ ୨୫ରେ ଇ ଏପିକ (ଇଲୋକଟ୍ରୋନିକ ଇଲେକ୍ଟ୍ରାଲ ଫଟୋ ଆଇଡେଣ୍ଟି) କାର୍ଡ଼ ପ୍ରଚଳନ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏହି କାର୍ଡ଼ ନୂତନ ଭୋଟଦାତାଙ୍କୁ ମିଳିବ। ଫେବୃୟାରୀ ୧ରୁ ସମସ୍ତ ଭୋଟଦାତା ନିଜର ପରିଚୟପତ୍ର ନେଟରୁ ଡାଉନଲୋଡ କରିପାରିବେ। ଜିଲାପାଳ ଅମ୍ରିତ ଋତୁରାଜ ସୋମବାର ଏହି ସୂଚନା ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ଜାତୀୟ ମତଦାତା ଦିବସ ପାଳନ ହୋଇଥିଲା। ଜିଲା ନିର୍ବାଚନ ଅଧିକାରୀ ସମ୍ବିତ କୁମାର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଋତୁରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ, ଗଣତନ୍ତ୍ରରେ ନାଗରିକଙ୍କ ସ୍ଥାନ ଶୀର୍ଷରେ। ଏଥିପାଇଁ ନିଜକୁ ନିୟମାନୁଯାୟୀ ପଞ୍ଜୀକୃତ କରିବାକୁ ହେବ। ଇ ଏପିକ କାର୍ଡ ପ୍ରଚଳନ ଫଳରେ ଭୋଟ ପରିଚୟପତ୍ର ଡିଜିଟାଲ ଫର୍ମରେ ସୁରକ୍ଷିତ ହୋଇପାରିବ। ବୈଠକରେ ଏଡିଏମ୍ ବସନ୍ତ କୁମାର ରାଉତଙ୍କ ସହ ପ୍ରଶାସନିକ ଅଧିକାରୀ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

# ୩୧ରୁ ପୋଲିଓ ବୁନ୍ଦା ପ୍ରଦାନ ଆରମ୍ଭ

ରସୁଲପୁର,୨୫।୧(ଡି.ଏନ.ଏ.)

ଜାନୁୟାରୀ ୩୧ରୁ ଫେବୃୟାରୀ ୨ ପର୍ଯ୍ୟନ୍ତ ୩ ଦିନ ପୋଲିଓ ଟିକାକରଣ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଚଳିତ ମାସ ୧୭ରୁ ପ୍ରସ୍ତୁତି ଶେଷ ହୋଇଥିଲା। କରୋନା ଟିକାକରଣ ଲାଗି କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ଏହାକୁ ପୁଣି ଆରମ୍ଭ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି। ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ପୋଲିଓ ଟିକାକରଣ ପାଇଁ ସୋମବାର ପ୍ରଶିକ୍ଷଣ ଶିବିର ହୋଇଥିଲା। ନିର୍ଦ୍ଧାରିତ ଦିବସରେ ୦-୫ବର୍ଷ ମଧ୍ୟରେ ୧୫,୯୦୧ ପିଲାଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୮୯ ବୁଥ୍, ୧୨ ସବ୍ ବୁଥ, ୩ ଟ୍ରାନ୍‌ଜିଟ ବୁଥ୍ ଗଠନ କରାଯାଇଛି। ଏଥିପାଇଁ ୩୫୬ଜଣ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି, ଆଶାକର୍ମୀଙ୍କୁ ନିୟୋଜିକତ କରାଯିବ। ଉକ୍ତ କାର୍ଯ୍ୟକୁ ତଦାରଖ କରିବାକୁ ୧୮ଜଣ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରଥମଦିନରେ ବୁଥ୍‌ରେ ପୋଲିଓ ବୁନ୍ଦା ଦିଆଯିବ। ବଳକା ୨ଦିନରେ କର୍ମୀମାନେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ଦେବେ। ପୋଲିଓ ବୁନ୍ଦା ନେଉଥିବା ଶିଶୁଙ୍କ ନଖରେ କାଳିଦାଗ ପ୍ରଦାନ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱରଞ୍ଜନ କର, ଆୟୁଷ ଡା. ବସନ୍ତ କୁମାର ପଣ୍ଡା, ବ୍ଲକ ଡାଟା ମ୍ୟାନେଜର ଲିଲିପ୍ସା ପୃଷ୍ଟି, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ହରପ୍ରିୟା ସେନାପତି, ବ୍ଲକ ପ୍ରୋଗ୍ରାମ ଅଧିକାରିଣୀ ଜ୍ୟୋତ୍ସ୍ନାମୟୀ ସାହୁ ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ଆଲୋଚନା କରିଥିଲେ।

# 'ଦଳଗତ ଉଦ୍ୟମରେ ସବୁ କାମ ସଫଳ ହୁଏ'

ଜଗତ୍‌ସିଂହପୁର ଅଫିସ, ୨୫।୧

### ଜାତୀୟ ମତଦାତା ଦିବସ

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପୌରୋହିତ୍ୟ କରି କହିଥିଲେ, କ୍ଷେତ୍ରସ୍ତରରେ କାମ କରୁଥିବା ବୁଥ୍ ଅଧିକାରୀଙ୍କ ଉଦ୍ୟମ ଯୋଗୁ ଭୋଟର ତାଲିକା ସଂଶୋଧନ ସଫଳ ହୋଇଛି। ତିର୍ତ୍ତୋଲ ଉପନିର୍ବାଚନରେ ସୁପରିଚାଳନା ପାଇଁ ଆମ ଜିଲାକୁ ପୁରସ୍କୃତ କରାଯିବ । ଏହି ଅବସରରେ ଜିଲାପାଳ କେତେଜଣ ନୂତନ ଭୋଟରଙ୍କୁ ଭୋଟ ପରିଚୟପତ୍ର ବଣ୍ଟନ କରିଥିଲେ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ କହିଥିଲେ, ଭୋଟର ତାଲିକା ସଂଶୋଧନ ସମୟରେ ଅଧିକ ସଂଖ୍ୟକ ମୃତ, ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ଅନୁପସ୍ଥିତ ଥିବା ବ୍ୟକ୍ତି ଓ ବିବାହ କରି ସ୍ଥାନାନ୍ତରିତ ହୋଇଥିବା ଭୋଟରଙ୍କ ନାମ ବାଦ ଦିଆଯାଇଛି। ଉପଜିଲାପାଳ ତଥା ସହକାରୀ ରିଟର୍ଣ୍ଣି ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ଏହି ଅବସରରେ କହିଥିଲେ, ଏଥର ୪୨ ହଜାର ଭୋଟରଙ୍କ ତାଲିକା ସଂଶୋଧିତ ହୋଇପାରିଛି। ଏହି ଅବସରରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର କବିତା ସାହୁ, ପାରାଦୀପ ନିର୍ବାଚନ ମଣ୍ଡଳୀର ନଳିନୀ ମହାନ୍ତି ଏବଂ ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ସ୍ୱର୍ଣ୍ଣପ୍ରଭା ସ୍ୱାଇଁଙ୍କୁ ଜିଲାପାଳ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେହିପରି ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରରେ ବିଏଲ୍‌ଓମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ (ନିର୍ବାଚନ) ଅକ୍ଷୟ କୁମାର ବଡୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସହକାରୀ ଜିଲାପାଳ ଦୀନେଶ କୁମାର ମିଶ୍ର, ବୁଥ୍‌ସ୍ତରୀୟ ଅଧିକାରୀ ଓ କେତେଜଣ ନୂତନ ଭୋଟର ସାମିଲ ହୋଇଥିଲେ।

# ଧଳତଙ୍ଗଗଡ଼ରେ ଚାଷୀ ସମାବେଶ

ରଘୁନାଥପୁର,୨୫।୧(ଡି.ଏନ୍.ଏ.)

ଜଗତସିଂହପୁର ଜିଲା କୃଷକ ସଙ୍ଗଠନର ଚାଷୀ ସମାବେଶ ରଘୁନାଥପୁର ବ୍ଲକ ଧଳତଙ୍ଗଗଡରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶକୁ ସମ୍ପାଦକ ବାବାଜୀ ଚରଣ ଜେନା ପରିଚାଳନା କରିଥିଲେ। ନୂତନ କୃଷି ବିଲ ପ୍ରତ୍ୟାହାର ଦାବି ଚାଷୀ ପାଇଁ ହିତକର ନୁହେଁ ବୋଲି ମତପ୍ରକାଶ ପାଇଥିଲା। ଏଥିରେ କିଛି ସଂଶୋଧନ ନିମନ୍ତେ କେନ୍ଦ୍ର ସରକାରଙ୍କୁ ସଂଗଠନ ପକ୍ଷରୁ ଲିଖିତ ଭାବେ ଅବଗତ କରାଯାଇଛି। ବ୍ଲକ କୃଷି କାର୍ଯ୍ୟାଳୟରେ ନୂତନ କୃଷି ଅଧିକାରୀଙ୍କୁ ନିଯୁକ୍ତି ଦେବା ନିମନ୍ତେ ଜିଲାପାଳ ଦାବିପତ୍ର ଦିଆଯିବ ବୋଲି ସ୍ଥିର ହୋଇଥିଲା। ଏଥିରେ ଶାରଦା ପ୍ରସାଦ ରାୟ ଓ ଡା. ରାଜକିଶୋର ବରାଳ ପ୍ରମୁଖ ସାମିଲ ହୋଇଥିଲେ।

# ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଦାବିପତ୍ର

ରସୁଲପୁର,୨୫।୧(ଡି.ଏନ.ଏ.)

ସରକାରୀ ଜମିରେ ଜବରଦଖଲ ଚାଲିଛି। ଏଥିପାଇଁ ଗୋଚାରଣ ଭୂଇଁ କମିଯାଉଛି। ଫଳରେ ଗୋପାଳକମାନଙ୍କ ଜୀବିକା ପ୍ରଭାବିତ ହେଉଛି । ଗୋଚାରଣ ଭୂଇଁରୁ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ସୋମବାର ସୁଆଁସାହି ଗ୍ରାମ ଗୋପାଳ ସାହିର ଶଶିଭୂଷଣ ପରିଡା, ନିରଞ୍ଜନ ପରିଡା, ପ୍ରଫୁଲ ପରିଡା, ଭରତ ପରିଡା, ଦିବାକର ପରିଡା, ଶ୍ରୀକାନ୍ତ ପରିଡା, ଦେବେନ୍ଦ୍ର ପରିଡା, ବିଶ୍ୱନାଥ ପରିଡା, ରମାକାନ୍ତ ପରିଡା, ଝୁଲଣ ପରିଡା ପ୍ରମୁଖ ଶତାଧିକ ଗୋପାଳକ ରସୁଲପୁର ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଅଭିଯୋଗ ମୁତାବକ ରକ୍ଷିତ ଖାତା ନମ୍ବର ୪୬୯ରେ ଶହେ ଏକରରୁ ଊର୍ଦ୍ଧ୍ୱ ଗୋଚର ଜମି ରହିଛି। ଉକ୍ତ ଜମିର ଶତକଡା ୭୦ଭାଗ ଜମି ଜବରଦଖଲକୁ ଚାଲି ଯାଇଛି । ଉକ୍ତ ଜବରଦଖଲ ଜମିକୁ ଉଦ୍ଧାର କରାଯାଉ ବୋଲି ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ସେମାନେ ନିବେଦନ କରିଛନ୍ତି । ଏ ସଂକ୍ରାନ୍ତରେ ତହସିଲଦାର ଭୁଜବଳ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ପାଇଛି । କେଉଁ ପରିସ୍ଥିତିରେ ଗୋଚର ଜମି ଜବରଦଖଲକାରୀଙ୍କ କବ୍‌ଜାରେ ଅଛି ସେ ସଂକ୍ରାନ୍ତରେ ଅନୁଧାନ କରାଯିବ । ତା'ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।



ଗୋପାଳକମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ମାଟିରେ ମିଶିଲା ବଳରାମ ବସ୍ତିର ୨୯ ଘର

ନୟାଗଡ ଅଫିସ,୨୫।୧

### ଜବରଦଖଲ ଉଚ୍ଛେଦ

- ୨୪ ଘଣ୍ଟା ମହଲତ
- ବସ୍ତିବାସିନ୍ଦାଙ୍କ ପ୍ରତିବାଦ କାମ କଲାନି

ନୟାଗଡ ପୌର ପରିଷଦ ଏମ୍ଆଇ କଲୋନୀ ରାସ୍ତାର ସ୍କିଲ ଡେଭଲପମେଣ୍ଟ ସେଣ୍ଟର ନିକଟସ୍ଥ ୱାର୍ଡ ନଂ. ୬ ବଳରାମବସ୍ତିର ୨୯ ପରିବାରଙ୍କ ଘର ସୋମବାର ମାଟିରେ ମିଶିଛି। ବଳରାମପାହାଡ଼ ପାଦଦେଶରେ ଗଢ଼ି ଉଠିଥିବା ଏହି ଘରକୁ ପୌର ପ୍ରଶାସନ ଭାଙ୍ଗି ଦେଇଛି। ମାଜିଷ୍ଟ୍ରେଟ ଭାବେ ନୟାଗଡ ତହସିଲଦାର ଭିକାରୀ ସାହୁ, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ଉପସ୍ଥିତିରେ ପୋଲିସ ଫୋର୍ସ ମୁତୟନରେ ଘରଗୁଡିକ ଭଙ୍ଗା ଦେଇଛି। ଘର ଭାଙ୍ଗିବେଳେ ଜବରଦଖଲକାରୀମାନେ ପ୍ରତିବାଦ କରିଥିଲେ। ଥଇଥାନ ନ କରି ଘର ଭାଙ୍ଗିବା ଠିକ୍ ହୋଇନାହିଁ ବୋଲି ବସ୍ତିବାସିନ୍ଦା ବାରମ୍ବାର କହିଥିଲେ ମଧ୍ୟ ଶୁଣାଯାଇ ନ ଥିଲା।

### ଖଣି ଭିତରେ ଘର

କଳାମୁଗୁନି ପଥର ଖଣି ଭିତରେ ଘର କରିବା ଜବରଦଖଲ ଉଚ୍ଛେଦକୁ ଆମନ୍ତ୍ରଣ କରିଥିଲା। ଜିଲାପାଳ ପୋମା ଟୁଡୁ ସମ୍ପୃକ୍ତ ଅଞ୍ଚଳକୁ ଯାଇ ଘର ଭାଙ୍ଗିବାକୁ ଜବରଦଖଲକାରୀଙ୍କୁ ପରାମର୍ଶ ଦେଇଥିଲେ। ସେମାନେ ଜିଲାପାଳ ଓ ପୌରନିର୍ବାହୀ ଅଧିକାରୀଙ୍କୁ ପକ୍ଷ କରି ହାଇକୋର୍ଟରେ ଆଶ୍ରୟ ନେଇଥିଲେ। କାରଣ ଜାଗା ମିଶନରେ ପଟ୍ଟା ଦେବାକୁ ହିତାଧିକାରୀଙ୍କ ଘର ଚିହ୍ନଟ ପାଇଁ ବଳରାମପାହାଡ ପାଦ ଦେଶରେ ଡ୍ରୋନ କ୍ୟାମେରା ବୁଲିଥିଲା। ହେଲେ ବର୍ତ୍ତମାନର ଉଚ୍ଛେଦ ହୋଇଥିବା ବଳରାମବସ୍ତିର ଘରଗୁଡ଼ିକ ସେତେବେଳେ ନ ଥିଲା। ଏଣୁ ଜବରଦଖଲ ଉଚ୍ଛେଦ କରାଗଲା ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ବଳରାମବସ୍ତିରେ ଗଢି ଉଠିଥିବା ଘରକୁ ଉଚ୍ଛେଦ କରାଯାଉଛି।

### ୨ ଲକ୍ଷରେ ସରକାରୀ ଜମି ବିକ୍ରି

ଜିଲା ସଦର ମହକୁମାରେ ସରକାରୀ ଜମି ବିକ୍ରି ହେବାର ଅଭିଯୋଗ ହୋଇଆସୁଛି। ଯଦଲାଲମାନେ ଦେଢ଼ରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଜମିକୁ ବିକ୍ରି କରୁଛନ୍ତି। ବହୁ ହୋମଗାର୍ଡ ଓ ସରକାରୀ କର୍ମଚାରୀ ଏଠାରେ ସରକାରୀ ଜମି କିଣି ଭଲ ଘର କରି ରହିଥିଲେ। ଜଣେ ସରକାରୀ କର୍ମଚାରୀ କହିଥିଲେ, ବାହାରେ ଭଡ଼ା ଦେଇ ରହିବା ଅପେକ୍ଷା ସରକାରୀ ଜମି କିଣି ଅସ୍ଥାୟୀ ଘର କରି ରହିଲେ ଖର୍ଚ୍ଚ କମ ହେଉଛି। ବଦଳି ବେଳେ ଘର ବିକ୍ରି କରି ହେଉଛି। ଜବରଦଖଲ ଉଚ୍ଛେଦ ପରେ ଘର କରିଥିବା ଅଧିକାଂଶ ଲୋକ ଜମି କିଣିବା ସମ୍ପର୍କରେ ମୁହଁ ଖୋଲିଛନ୍ତି।

### ପିଠିରେ ପଡିଲେନି ଦଲାଲ

ସରକାରୀ ଜମି ବିକ୍ରି କରୁଥିବା କେତେଜଣ ଦଲାଲ ନୟାଗଡ ମ୍ୟୁନିସିପାଲିଟିର କର୍ମଚାରୀଙ୍କୁ ଧରାଧରି କରି ସର୍ଭିସ ଟ୍ୟାକ୍ସ ବାନ୍ଧି ଜବରଦଖଲକାରୀଙ୍କ ପାଇଁ ଏନ୍‌ଓସି ନେଇଥିଲେ। ଏପରିକି ଜବରଦଖଲ ଘର ହୋଇଥିଲେ ମଧ୍ୟ ଘରକୁ ବିଦ୍ୟୁତ୍ ଓ ନଳକୂପ ବସା ଯାଇଥିଲା। ସେମାନେ ବାରମ୍ବାର ଆଶ୍ୱସନା ଦେଉଥିଲେ ଅସୁବିଧା ହେବନି। ହେଲେ ଉଚ୍ଛେଦ ସମୟରେ କେହି ଦଲାଲ ଆସିଲେ ନାହିଁ। ଜାଗା ମିଶନରେ ପଟ୍ଟା ବଣ୍ଟନ ହେବାର ଦେଢ଼ବର୍ଷ ଭିତରେ ୪୦ରୁ ଊର୍ଦ୍ଧ୍ୱ ବେଆଇନ ଘର ବଳରାମବସ୍ତିରେ ନିର୍ମାଣ ହୋଇଥିଲା। ବେଶୀ ଘର କରୋନା ସମୟରେ ନିର୍ମାଣ ହୋଇଥିଲା। ଘର ଭାଙ୍ଗିବା ନେଇ ପୌର ପ୍ରଶାସନ ପକ୍ଷରୁ ଯଦିଓ ନୋଟିସ୍ ହୋଇଥିଲା ଜବରଦଖଲକାରୀ ଶୁଣୁ ନ ଥିଲେ। ଏନ୍‌ଓସି ଦେଇଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ପୌରନିର୍ବାହୀ ଅଧିକାରୀ ଜେନା କୁହନ୍ତି, ସୋମବାର ୨୯ ଘର ଉଚ୍ଛେଦ କରାଯାଇଛି। ୨୦ ପରିବାରଙ୍କ ଘର ଭଙ୍ଗାଯିବାକୁ ନୋଟିସ୍ ହୋଇଛି। ସେମାନେ ନିଜେ ଘର ଭାଙ୍ଗି ଉପକରଣ ନେବାକୁ ୨୪ଘଣ୍ଟା ମହଲତ ଦିଆଯାଇଛି।

## ଡାଇମଣ୍ଡ କ୍ରିକେଟ୍ କ୍ଲବ୍ ଚାମ୍ପିୟନ

ଜେନାପୁର,୨୫।୧(ଡି.ଏନ.ଏ.)-ଧର୍ମଶାଳା ବ୍ଲକ ଚକ୍ରଧରପୁର ପଞ୍ଚାୟତ ମୁକୁନ୍ଦପୁର ଖେଳ ପଡ଼ିଆରେ ୭ ଦିନ ଧରି ଚାଲିଥିବା ଜଗତ ଘନଶ୍ୟାମ କ୍ରିକେଟ ଟୁର୍ନାମେଣ୍ଟରେ ଡାଇମଣ୍ଡ କ୍ରିକେଟ କ୍ଲବ କଲାଣ୍ଡ ସାଇରାମ କ୍ରିକେଟ କ୍ଲବ୍ ଚୌଦ୍ୱାରକୁ ହରାଇ ଚାମ୍ପିୟନ ହୋଇଛି। ଡାଇମଣ୍ଡ ଟିମ୍ ୨୦ଓଭରରେ ସମସ୍ତ ଉଇକେଟ ହରାଇ ୨୯୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ସାଇରାମ୍ ଟିମ୍ ସମସ୍ତ ଉଇକେଟ ହରାଇ ୨୮୭ ରନ କରି ପରାଜିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ବରିଷ୍ଠ ଖବରଦାତା ଅରୁଣ ପଣ୍ଡା ଉଭୟ ଦଳର ଅଧିନାୟକଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଝିଅ ଜନ୍ମ ହ୍ରାସ ଉଦ୍‌ବେଗଜନକ

**ଯାଜପୁର ଅଫିସ,୨୫।୧:** ଯାଜପୁର ଜିଲାରେ ୧୦୦୦ ପୁଅ ଜନ୍ମ ଅନୁପାତରେ ୨୦୧୭-୧୮ରେ ୯୪୩, ୨୦୧୮-୧୯ରେ ୯୪୦ ଏବଂ ୨୦୧୯-୨୦ରେ ୯୪୭ ଝିଅ ଜନ୍ମ ହୋଇଛନ୍ତି। ଜାତୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ରିପୋର୍ଟରୁ ଏହା ଜଣାପଡ଼ିଛି, ଯାହା ଉଦ୍‌ବେଗର ବିଷୟ ବୋଲି ରବିବାର ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବେଟି ବଚାଓ, ବେଟି ପଢ଼ାଓ ଅଭିଯାନ ଅନ୍ତର୍ଗତ ଜାତୀୟ ଶିଶୁକନ୍ୟା ଦିବସ ଅବସରରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମତପ୍ରକାଶ ପାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ୟାମାନଙ୍କର ସୁରକ୍ଷା ପାଇଁ ତୃଣମୂଳସ୍ତରରୁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ଶିଶୁସୁରକ୍ଷା ଅଧିକାରୀ ନିରଞ୍ଜନ କର ଶିଶୁ ସୁରକ୍ଷା ପାଇଁ ନିଆଯାଉଥିବା ବିବିଧ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

### କମେଣ୍ଟକୁ କେନ୍ଦ୍ର କରି ଗଣ୍ଡଗୋଳ, ଜଣେ ଆହତ

୨ ଆକ୍ରମଣକାରୀ କୋର୍ଟ ଚାଲାଣ

**ରସୁଲପୁର,୨୫।୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ୧୬ନଂ. ଜାତୀୟ ରାଜପଥର ଓରାଳି ଛକ ନିକଟରେ ରବିବାର ଅପରାହ୍ନରେ କମେଣ୍ଟମରାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ଷଟିଆ ଟିଙ୍କିରି ଗ୍ରାମର କୃତ୍ତିବାସ ପଣ୍ଡା(୩୫)। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ କଣ୍ଟାବଣିଆ ଗ୍ରାମର ଇନ୍ଦ୍ରଜିତ୍ ମଲ୍ଲିକ(୨୮) ଓ ତାଙ୍କ ସାଙ୍ଗ ରଞ୍ଜନ ଷଡଙ୍ଗୀ(୩୭)ଙ୍କୁ କୁଆଖିଆ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ନନ୍ଦିନୀ ମଦ ଦୋକାନ ନିକଟରେ କମେଣ୍ଟମରାକୁ କେନ୍ଦ୍ରକରି କୃତ୍ତିବାସ, ରଞ୍ଜନ ଓ ଇନ୍ଦ୍ରଜିତ୍‌ଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ କୃତ୍ତିବାସ ଘଟଣାସ୍ଥଳରୁ ପଳାଇ ଯାଉଥିବା ସମୟରେ ରଞ୍ଜନ ଓ ଇନ୍ଦ୍ରଜିତ ତାଙ୍କ ପିଛା କରିଥିଲେ। ଏହାପରେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଠେଙ୍ଗାମାଡ଼ରେ କୃତ୍ତିବାସ ଆହତ ହୋଇଥିଲେ। ଏ ନେଇ କୁଆଖିଆ ଥାନାରେ ଏକ ମାମଲା (ନଂ.୩୦/୨୧) ରୁଜୁ ହୋଇଛି।

### ନିଆଁ ଲାଗି ଜଳିଗଲା ୬ ବଖରା

**ଆଲି,୨୫।୧(ଡି.ଏନ.ଏ.):** ଆଲି ଥାନା ଅନ୍ତର୍ଗତ ପେତପଡା ଗାଁରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ୨ ପରିବାରର ୬ ବଖରା ଜଳି ଯାଇଛି। ସୋମବାର ସନ୍ଧ୍ୟାରେ ପେତପଡା ଗାଁର ପରେଶ ଦାସ ଓ ବିଘ୍ନେଶ ଦାସଙ୍କ ଘରେ ଶର୍ଟସର୍କିଟରୁ ନିଆଁ ଲାଗି ଯାଇଥିଲା। ଚାହୁଁଚାହୁଁ ନିଆଁ ଗୋଟିଏ ପରେ ଗୋଟିଏ ବଖରାକୁ ବ୍ୟାପି ଯାଇଥିଲା। ନିଆଁ ଲିଭାଇବା ଲାଗି ଗ୍ରାମବାସୀ ଚେଷ୍ଟା କରିବା ସହ ଆଲି ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଏହି ସମୟରେ ଘର ଭିତରେ ଥିବା ଦୁଇଟି ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଯୋଗୁ ସ୍ଥାନୀୟ ବାସିନ୍ଦା ଭୟଭିତ ହୋଇପଡିଥିଲେ। ଦମକଳ ବାହିନୀ ପହଞ୍ଚି ଘଣ୍ଟାଏ ପାଣି ପକାଇବା ପରେ ନିଆଁକୁ ଆୟତ କରିଥିଲେ। ଉଭୟ ପରିବାରର ସମସ୍ତ ଆସବାବପତ୍ର, ଟଙ୍କା, ସୁନା ଗହଣା, ଜରୁରୀ କାଗଜପତ୍ର ସହ ଧାନ, ବିରି ଓ ମୁଗ ଆଦି ଜଳିଯାଇଛି। ଫଳରେ ଉଭୟ ପରିବାରର ବାସହରା ହୋଇପଡିଛନ୍ତି। ତୁରନ୍ତ ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ମତଦାତା ଦିବସ

**ନୟାଗଡ ଅଫିସ,୨୫।୧:** ସୃଜନ ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ମତଦାତା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପିଡି ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲମ୍ବୋଦର ରାଉତ, ଡେପୁଟି ନିର୍ବାଚନ ଅଧିକାରୀ ଶ୍ରୀକୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ ବୈଠକରେ ଶପଥ ପାଠ କରାଇଥିଲେ। ଏଥିରେ ନୂଆକରି ଭୋଟର ହୋଇଥିବା ସାବାଳକଙ୍କୁ ଭୋଟର ପରିଚୟପତ୍ର ଦିଆଯାଇଥିଲା। ସୋମାବାରଠାରୁ ଇ ଭୋଟ ପରିଚୟପତ୍ର ସେବା ଆରମ୍ଭ ହୋଇଥିବା ସୂଚନା ଦିଆଯାଇଛି।

# ମାର୍ଚ୍ଚରେ ବନ୍ଦ ହେବ ଏମ୍‌ଏମ୍‌ଏସ୍‌ୱାଇ

**ଯାଜପୁର ଅଫିସ,୨୫।୧**

■ ୩୮.୧୪ କୋଟିର ୩୬ ରାସ୍ତା ବାକି

■ ତରବର କାମ ସାରି ଅର୍ଥ ହଡ଼ପ ମସୁଧା

୨୦୨୦-୨୧ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ) ବନ୍ଦ ହେବ। ଗ୍ରାମ୍ୟ ନିର୍ମାଣ ଡିଭିଜନର କେନ୍ଦ୍ରାପଡା-ଯାଜପୁର ସର୍କଲ ଅଧୀନରେ ୩୬ଟି (ଯାଜପୁର ଜିଲାର ୨୩ ଓ କେନ୍ଦ୍ରାପଡ଼ା ଜିଲାର ୧୩) ଏମ୍‌ଏମ୍‌ଏସ୍‌ୱାଇ ରାସ୍ତା ନିର୍ମାଣାଧୀନ ରହିଛି। ଏଥିପାଇଁ ୮୪ କୋଟି ୮୦ ଲକ୍ଷ ୩୬ ହଜାର ଟଙ୍କା ମଞ୍ଜୁର ହୋଇଥିବାବେଳେ ଏଯାଏ ୩୮ କୋଟି ୧୪ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ବାକି ରହିଛି। ତେଣୁ ଗ୍ରାମ୍ୟ ନିର୍ମାଣ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ଗତ ୨୧ ତାରିଖରେ ମାର୍ଚ୍ଚ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ କେନ୍ଦ୍ରାପଡ଼ା-ଯାଜପୁର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୟସୀମା ଆଉ ପ୍ରାୟ ୨ ମାସ ରହିଥିବାବେଳେ ବାକି ରାସ୍ତା କାର୍ଯ୍ୟକୁ ଯେନତେନ ପ୍ରକାରେ ସମ୍ପାଦନ କରି ସିଂହଭାଗ ଅର୍ଥ ଲୁଟ୍ କରିବାକୁ ମସୁଧା ଚାଲିଥିବା ଅଭିଯୋଗ ହେଉଛି।

ସହରାଞ୍ଚଳର ବିକାଶ ସହିତ ଗ୍ରାମାଞ୍ଚଳକୁ ସାମିଲ କରିବା ଉଦ୍ଦେଶ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଅଗ୍ରାଧିକାର ଦେଇ କେନ୍ଦ୍ର ସରକାର ପ୍ରଣୟନ କରିଛନ୍ତି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା। ତେବେ ଏହି ଯୋଜନାରୁ ବାକି ରହିଥିବା ବସତିଙ୍କ ଉଦ୍ଦେଶ୍ୟରେ ଗତ ୨୦୧୪-୧୫ ବର୍ଷରୁ ଏମ୍‌ଏମ୍‌ଏସ୍‌ୱାଇ କାର୍ଯ୍ୟକାରୀ ହୋଇଥିଲା। ଗ୍ରାମ୍ୟ ରାସ୍ତାକୁ ପକ୍କା ଏବଂ ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରିବା ଏହି ଯୋଜନାର ଲକ୍ଷ୍ୟ। କିନ୍ତୁ ଠିକାଦାରି ରାଜନୀତି ଯୋଗୁ ଗତ ୬ ବର୍ଷ ମଧ୍ୟରେ ଯାଜପୁର ଜାରକା ଡିଭିଜନ ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ), ଏମ୍‌ଏମ୍‌ଏସ୍‌ୱାଇ, ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି(ଆର୍‌ଆଇଡିଏଫ୍) ଓ ନିଜସ୍ୱ ପାଣ୍ଠିରେ ପ୍ରାୟ ୧୧୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ୩୦୦ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ସମ୍ପନ୍ନ ହୋଇଥିବା ଗତବର୍ଷ ଏକ ବିଧାନସଭା ପ୍ରଶ୍ନର ଉତ୍ତରରେ ବିଭାଗ ପକ୍ଷରୁ ଦର୍ଶାଯାଇଥିଲା। ହେଲେ ବ୍ୟାପକ ପିସି କାରବାର ଯୋଗୁ କାର୍ଯ୍ୟ ନିମ୍ନମାନର ହେବା ସହିତ ଦୀର୍ଘସ୍ଥାୟୀ ହୋଇ ପାରୁ ନ ଥିବା ମତପ୍ରକାଶ ପାଇଛି। ବର୍ତ୍ତମାନ ଏମ୍‌ଏମ୍‌ଏସ୍‌ୱାଇ ବନ୍ଦ ହେବାକୁ ଯାଉଥିବାବେଳେ ବାକି ୩୬ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ସଂଶୟ ପ୍ରକାଶ ପାଇଛି। ଏଥିରେ ଆରଡି ରାସ୍ତାରୁ ଧୋବଲିପଥର, କାକୁଡିକୁଦା ମେଡିକାଲ ଛକରୁ ରାଉଳସାହି, ରତଲାଙ୍ଗ ମେଡିକାଲ ଛକରୁ ମଠସାହି, ପୂର୍ତ୍ତ ରାସ୍ତାରୁ ଦେୱାନପାଟଣା, ବୃନ୍ଦାବନପୁର ଠାରୁ ଚମ୍ପାରୋଡ, ମଧୁପୁର ହାଇସ୍କୁଲଠାରୁ ଶ୍ରୀରାମପୁର, ଘୁଷୁରିଆସାହି ଠାରୁ ବିରଜାପୁର, କାନ୍ତିପୁର ଠାରୁ ନାରଙ୍ଗପୁର, ଦୁର୍ଗାପୁରଠାରୁ ବଡବାଘସାହି ପ୍ରଭୃତି ୩୬ ରାସ୍ତା ରହିଛି। ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ଭକ୍ତ ଶୂନ୍ୟ ହେବ ଓଳାଶୁଣି ମେଳା



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଚଣ୍ଡିଖୋଲ,୨୫।୧(ଡି.ଏନ.ଏ)**

ଚଳିତ ବର୍ଷ ଫେବୃୟାରୀ ୭ରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ମହାସମାଧି ଦିବସ। ସେଦିନରୁ ଓଳାଶୁଣି ଗୁମ୍ଫା ମେଳା ଆରମ୍ଭ ହେବ। ହେଲେ କୌଣସି ଭକ୍ତ ଓଳାଶୁଣି ମେଳାରେ ଯୋଗ ଦେଇପାରିବେ ନାହିଁ। କେବଳ ପରମ୍ପରାକୁ ରକ୍ଷା କରାଯିବ ବୋଲି ସୋମବାର ଯାଜପୁର ଜିଲା ପ୍ରଶାସନ ତରଫରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଏପରି କଟକଣା ଜାରି ହୋଇଛି। କେବଳ ମହାପୁରୁଷଙ୍କ ନୀତିକାନ୍ତି ଓ ପରମ୍ପରାକୁ ବଜାଇ ରଖାଯିବ ବୋଲି ନିଷ୍ପତ୍ତି ହୋଇଛି। ସୋମବାର ଓଳାଶୁଣି ପାହାଡ଼ର ଶୀର୍ଷଦେଶରେ ଥିବା ଗଣେଶ ମଣ୍ଡପରେ ଯାଜପୁର ଉପ ଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମଠର ମହନ୍ତ ଡା.ନାମାନନ୍ଦ ଦାସ ଆର୍ଶିବଚନ ପ୍ରଦାନ କରିଥିଲେ। ପରେ ଦର୍ପଣ ତହସିଲଦାର ବରଣ୍ୟେନ୍ଦୁ ମହାନ୍ତି, ମହାଙ୍ଗା ତହସିଲଦାର ମଧୁସୂଦନ ନାୟକ, ବଡ଼ଚଣା ବିଡ଼ିଓ ଅଜିତ ନାରାୟଣ ଗିରି, ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ କୁମାର ପାତ୍ର ରୁଦ୍ର ନାରାୟଣ ସିଂହ, ବ୍ରଜ କିଶୋର ସାମଲ, ଓଳାଶୁଣି ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ସମ୍ପାଦକ ଶୁଭେନ୍ଦୁ କୁମାର ଭୂୟାଁ, ଦାମୋଦର ସ୍ୱାଇଁ, ରବିନ୍ଦ୍ର ସାମଲ, ଅରକ୍ଷିତ ସିଂହ, ଜିଲାପରିଷଦ ସଭ୍ୟ ବିପିନ ବିହାରୀ ଜେନା, ସରପଞ୍ଚ ବାସନ୍ତୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଅମଲାଙ୍କ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କର୍ମଚାରୀମାନେ ଧାରଣା ଦେଇଛନ୍ତି।

**ଜଗତ୍‌ସିଂହପୁର ଅଫିସ/ବାଲିକୁଦା/ ନାଉଗାଁ/କୁଜଙ୍ଗ, ୨୫।୧(ସ୍ୱ.ପ୍ର./ଡି.ଏନ୍.ଏ.)**

### ଭାରପ୍ରାପ୍ତ ଆର୍‌ଆଇଙ୍କୁ ମାଡ଼ ମାମଲା

ବାଲିକୁଦା ତହସିଲ ଅନ୍ତର୍ଗତ ମରିଚିପୁର ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ଜାନୁୟାରୀ ୨୦ରେ ମାଡ଼ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ, ଓଡ଼ିଶା ରାଜସ୍ୱ ଅମଲା ସଂଘ ଓ ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ଜଗତ୍‌ସିଂହପୁର ଜିଲା ଶାଖା ତରଫରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡକାଯାଇଛି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟଙ୍କ ଫାଟକ ନିକଟରେ ଧାରଣା ଦିଆଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ବାଲିକୁଦାରେ କର୍ମଚାରୀମାନେ ତହସିଲ ଓ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ଯୋଗଦେଇଛନ୍ତି। ଚାଳକ ସଂଘ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ସଂଘ ଓ ଡାଟା ଏଣ୍ଟ୍ରି ଅପରେଟରମାନେ ଏଥିରେ ସାମିଲ ହୋଇଛନ୍ତି। କୁଜଙ୍ଗ ତହସିଲ କାର୍ଯ୍ୟାଳୟରେ ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ପ୍ରଦୀପ କୁମାର ବାରିକ, ରମେଶ ଚନ୍ଦ୍ର ପଣ୍ଡା, ଲାଲା ଅମରେନ୍ଦ୍ର ରାୟ ଓ ବନବିହାରୀ ପ୍ରଧାନ ପ୍ରମୁଖ ଏହାର ନେତୃତ୍ୱ ନେଇଛନ୍ତି। ସୂଚନାଯୋଗ୍ୟ, ବାଲିକୁଦା ବ୍ଲକର ବାଲିପାଟଣା ହାଟ ଓ ବରମୁଣ୍ଡଳି ପଞ୍ଚାୟତରେ କିଛି ସ୍ଥାନରେ ଜବରଦଖଲ ସମ୍ପର୍କିତ ଖବରପାଇ ସ୍ୱାଇଁ ଘଟଣାସ୍ଥଳକୁ ତହସିଲଦାର ଓ ଅନ୍ୟ ଅଧିକାରୀଙ୍କ ସହ ଯାଇଥିଲେ। ଏହି ସମୟରେ ବରମୁଣ୍ଡଳି ପଞ୍ଚାୟତ ସୁବାସ ନାୟକ ସେମାନଙ୍କ ସହ ବଚସା କରି ସ୍ୱାଇଁଙ୍କୁ ଚଟକଣା ମାରିଥିଲେ। ଏନେଇ ଥାନାରେ ମାମଲା (ନଂ.୧୨/୨୧)ରୁଜୁ ହୋଇଛି।

### ଶ୍ରୀନୀଳମାଧବ ପୀଠ ପରିଦର୍ଶନରେ ପୂର୍ତ୍ତ ବିଭାଗ ସଚିବ

**ଖଣ୍ଡପଡା,୨୫।୧(ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ପୀଠର ବିଭିନ୍ନ ସମସ୍ୟା ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ସୋମବାର ଅପରାହ୍ନରେ ରାଜ୍ୟ ପୂର୍ତ୍ତ ବିଭାଗ ସଚିବ କ୍ରିଷ୍ଣା କୁମାର କଣ୍ଟିଲୋରେ ପହଞ୍ଚି ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ। ପରେ ନୀଳମାଧବ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ସ୍ଥିତି ସହ ପୂତି ଗନ୍ଧମୟ ପରିବେଶରେ ରହିଥିବା ଠାକୁରଙ୍କ ଚନ୍ଦନ ପୋଖରୀର ସ୍ଥିତି ବୁଲି ଦେଖିଥିଲେ। ଏହି ସମୟରେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ନୟାଗଡ ଜିଲାପାଳ ପୋମା ଟୁଡୁ, ଖୋର୍ଦ୍ଧା ଅଧୀକ୍ଷଣ ଯନ୍ତ୍ରୀ ବି. ଆଶିଷ କୁମାର ସୁବୁଦ୍ଧି, ନୟାଗଡ ନିର୍ବାହୀଯନ୍ତ୍ରୀ ପ୍ରମୋଦ କୁମାର ଧର, ଖଣ୍ଡପଡା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ପାର୍ଥସାରଥୀ ହାଁସଦା, ବିଡିଓ ପ୍ରମୋଦ କୁମାର ନାଏକ ସମେତ ଅନ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ପରେ ଶ୍ରୀନୀଳମାଧବ ମନ୍ଦିର ଓ ଏହି ପୀଠର ଭିତ୍ତିଭୂମି ଉପରେ ସମୀକ୍ଷା ତଥା ସୁରକ୍ଷା ଦିଗରେ ଆଲୋଚନା କରିଥିଲେ।

## ୩୧,୩୫୭ ନୂଆ ଭୋଟର

**ଯାଜପୁର ଅଫିସ,୨୫।୧**

**ଯାଜପୁର ଜିଲା**

■ ୧୪,୮୧,୯୩୦ରେ ପହଞ୍ଚିଲା ଭୋଟର ସଂଖ୍ୟା

■ ୨୯,୩୯୮ ଜଣଙ୍କୁ ତାଲିକାରୁ ବାଦ୍

ନୂଆ ଭୋଟର ତାଲିକା ଅନୁଯାୟୀ ଯାଜପୁର ଜିଲାର ମୋଟ ଭୋଟରଙ୍କ ସଂଖ୍ୟା ୧୪, ୮୧,୯୩୦ରେ ପହଞ୍ଚିଛି। ଏଥିରେ ୭,୬୯,୦୫୫ ପୁରୁଷ, ୭,୧୨,୮୧୫ ମହିଳା ଏବଂ ୬୦ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ୩୧,୩୫୭ ନୂତନ ଭୋଟର ସାମିଲ ହୋଇଥିବାବେଳେ ବିବିଧ କାରଣରୁ ୨୯,୩୯୮ ଜଣଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଯୁବ ଭୋଟର ଭାବେ ୧୨,୧୧୯ ଜଣ ସାମିଲ ହୋଇଛନ୍ତି ବୋଲି ଜିଲା ପ୍ରଶାସନ ସୂତ୍ରରୁ ପ୍ରକାଶ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ୧୧ତମ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଡେପୁଟି କଲେକ୍ଟର ପ୍ରଜ୍ଞା ହୋତା, ଶୁଭଦର୍ଶନ ମିଶ୍ର, ସହକାରୀ ଜିଲାପାଳ ବୀରକିଶୋର ନାୟକ, ତରଣୀସେନ ପଟ୍ଟନାୟକ, ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଯୋଗାଣ ଅଧିକାରୀ ଜି. ପ୍ରଭାକର ପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନୂତନ ଭୋଟରମାନଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରାଯିବା ସହ ୪୮ଜଣ ବିଏଲ୍‌ଓଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାନପତ୍ର ଓ ଟ୍ରଫି ଦିଆଯାଇଥିଲା।

# ୩ମାସ ମଧ୍ୟରେ ବଡ଼ଚଣା ବିଦ୍ୟୁତ୍ ସମସ୍ୟାର ସମାଧାନ ହେବ: ଶକ୍ତିମନ୍ତ୍ରୀ

**ଚଣ୍ଡିଖୋଲ,୨୫।୧(ଡି.ଏନ.ଏ.)**



ସମୀକ୍ଷା ବୈଠକରେ ଶକ୍ତି ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

ବଡ଼ଚଣା ବ୍ଲକ୍ ଅଞ୍ଚଳରେ ଥିବା ବିଦ୍ୟୁତ୍ ସମସ୍ୟା ନେଇ ସୋମବାର ଚଣ୍ଡିଖୋଲ ଡ଼ାକ ବଙ୍ଗଳାରେ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ସମୀକ୍ଷା କରିଛନ୍ତି। ଆସନ୍ତା ୩ ମାସରେ ଉପରୋକ୍ତ ସମସ୍ୟାର ସମାଧାନ କରିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଧାୟକ ଅମର ପ୍ରସାଦ ଶତପଥୀ ଏହି ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ବଡ଼ଚଣାର ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବଡ଼ଚଣା ବ୍ଲକ୍ ସେସ୍କୋ ଅଧୀନରେ ଥିବା କୁନ୍ଦଳଠାରେ ୨୦୧୫ ଅଗଷ୍ଟରେ ଏକ ବିଦ୍ୟୁତ୍ ଷ୍ଟ୍ରକଚର ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା। ହେଲେ ୫ବର୍ଷ ପରେ ବି ସେହି ଷ୍ଟ୍ରକଚର କାର୍ଯ୍ୟ ଆରମ୍ଭ କରାଯାଇ ନ ଥିବା ନେଇ ସାମାଜିକ କର୍ମୀ ମହେଶ୍ୱର ବଳ ଅଭିଯୋଗ କରିଥିଲେ। ସେହିପରି ବାଲିଚନ୍ଦ୍ରପୁରରେ ଥିବା ଷ୍ଟ୍ରକଚରରୁ ବିଦ୍ୟୁତ୍ ସେବା ପାଉଥିବା ବଡ଼ଚଣାର ବହୁ ଉପଭୋକ୍ତା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ବିଭାଗ ପକ୍ଷରୁ ପଲେଇ ବାରବାଟିରେ ଏକ ନୂତନ ବିଦ୍ୟୁତ୍ ଷ୍ଟ୍ରକଚର ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଥିଲା। ହେଲେ ସେହି କାମ ଏଯାଏ ଆରମ୍ଭ ହୋଇନାହିଁ ବୋଲି ଜିଲାପରିଷଦ ସଭ୍ୟ ବିପିନ ବିହାରୀ ଜେନା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥଲେ। ସେହିପରି ରାଧାଦେଇପୁର, ଶାନ୍ତିପୁର, ଖଏରା, ବଡ଼ଚଣା ଓ କୁନ୍ଦଳ ସମେତ ବଡ଼ଚଣାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଥିବା ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଆମ୍ବା ଅଧ୍ୟକ୍ଷ ନିରଞ୍ଜନ ସେନାପତି, ଗଣେଶ୍ୱର ବରାଳ ଓ ଅନନ୍ତ କିଶୋର ଜେନା ପ୍ରମୁଖ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମସ୍ତ ସମସ୍ୟା ସମ୍ପର୍କରେ ମନ୍ତ୍ରୀ ମିଶ୍ର ଅବଗତ ହୋଇ ଏ ଦିଗରେ ଆଶୁ ପଦକ୍ଷେପ ନିଆଯିବା ସହିତ ୩ ମାସ ପରେ ପୁଣି ଥରେ ସମୀକ୍ଷା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଭଲିବଲ ଟୁର୍ନାମେଣ୍ଟ, ନରେନ୍ଦ୍ରପୁର ଚାମ୍ପିୟନ

**ପଟ୍ଟାମୁଣ୍ଡାଇ, ୨୫।୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବେଲତଳ ଗାଁର ସୁବାଷ ବୋଷ କ୍ଲବ ଆନୁକୂଲ୍ୟରେ ଶନିବାର ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ନଳିନୀକାନ୍ତ ଜେନା, ଗାପୀବଲ୍ଲଭ ନାୟକ, ଗୋପୀନାଥ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ନରେନ୍ଦ୍ରପୁର ଓ ତରଡିପାଳ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନରେନ୍ଦ୍ରପୁର ଭଲିବଲ ଟିମ ୨-୧ ସେଟରେ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ସମ୍ମାନିତ ଅତିଥି ପ୍ରଫେସର ଦେବବ୍ରତ ପ୍ରଧାନ, ସୁବାଷ ବୋଷ କ୍ଲବର ସଭାପତି ସୁମିତ ରାୟ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମହାନ୍ତି ବିଜେତା ନରେନ୍ଦ୍ରପୁର ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଲୋକନାଥ ନାୟକ, ଗୋବିନ୍ଦ ପରିଡା, ମୃତ୍ୟୁଞ୍ଜୟ ପାତ୍ର, ଭୋଳାନାଥ ନାୟକ, ଶ୍ରୀଧର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## କେଡିଏମ୍ ଟିମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ

**ଧର୍ମଶାଳା,୨୫।୧(ଡି.ଏନ୍.ଏ.)**

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଜାରକା ଷ୍ଟାଡିୟମରେ ତୃତୀୟ ବାର୍ଷିକୀ ରାଜ୍ୟସ୍ତରୀୟ କଳ୍ପତରୁ ଦାସ ସ୍ମାରକୀ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍‌ରେ କଟକ ଦଳକୁ ଆୟୋଜକ କେଡିଏମ୍ ଟିମ୍ ପରାସ୍ତ କରି ଚଳିତବର୍ଷ ପାଇଁ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି।




ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଏହି ଟୁର୍ନାମେଣ୍ଟରେ ରାଜ୍ୟର ୩୨ ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳରେ କଟକର ରାଜ ଓ ସମୀର ଯୋଡିକୁ କେଡିଏମ୍‌ର ତାପସ ଓ ଭୂପିନ୍ଦର ଯୋଡି ୨୧-୧୬, ୧୯-୨୧, ୨୧-୧୭ ବ୍ୟବଧାନରେ ପରାସ୍ତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ପ୍ରଭାତ କୁମାର ଦାଶ, କେଡିଏମ୍‌ର ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

### କୃଷ୍ଣଚନ୍ଦ୍ରପୁର ଟିମ୍ ଭଲିବଲ୍ ଚାମ୍ପିୟନ

ସେହିପରି ଭଲିବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ କୃଷ୍ଣଚନ୍ଦ୍ରପୁର ୩-୦ ସେଟରେ ମୁରାରୀପୁର ଦଳକୁ ପରାସ୍ତ କରି ଚଳିତବର୍ଷ ପାଇଁ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଉଦ୍‌ଯାପନୀ ଉତ୍ସବରେ ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଧର୍ମଶାଳା ସ୍ପୋର୍ଟ୍ସ କାଉନ୍‌ସିଲର ସଭାପତି ଆଲୋକ କୁମାର କର, ସମ୍ପାଦକ ରଶ୍ମି ରଞ୍ଜନ ରାୟ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ବଡ଼ଚଣା କଂଗ୍ରେସରେ ଗୋଷ୍ଠୀ କନ୍ଦଳ

**ଚଣ୍ଡିଖୋଲ,୨୫।୧(ଡି.ଏନ.ଏ.)**

### ବ୍ଲକ ସଭାପତି ଚୟନ ପୂର୍ବରୁ ଉତ୍ତେଜନା



ଗଣ୍ଡଗୋଳ ପରେ କଂଗ୍ରେସ କର୍ମୀମାନେ ଫେରି ଯାଉଛନ୍ତି।

ବଡ଼ଚଣା କଂଗ୍ରେସରେ ଗୋଷ୍ଠୀ କନ୍ଦଳ ତୀବ୍ର ହୋଇଛି। ସୋମବାର ବ୍ଲକ୍ ସଭାପତି ଚୟନ ପୂର୍ବରୁ ସୃଷ୍ଟି ହୋଇଥିବା ଉତ୍ତେଜନାରୁ ଏହା ସ୍ପଷ୍ଟ ହୋଇଛି। ବଡ଼ଚଣା ବ୍ଲକ୍ କଂଗ୍ରେସ ତରଫରୁ ସୋମବାର ବ୍ଲକ୍ ସଭାପତି ଚୟନ ପାଇଁ ଚଣ୍ଡିଖୋଲ ଶାନ୍ତି ମଣ୍ଡପରେ ଏକ ବୈଠକ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ହେଲେ ବୈଠକ ଆରମ୍ଭ ହେବା ପୂର୍ବରୁ ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପାଟିତୁଣ୍ଡ ଓ ଠେଲାପେଲା ପର୍ଯ୍ୟନ୍ତ କଥା ଯାଇଥିଲା। ଏପରି ପରିସ୍ଥିତିକୁ ଦେଖି ସଭାପତି ଚୟନ ପ୍ରକ୍ରିୟା ବନ୍ଦ ରହିଥିଲା। ଏଥିପାଇଁ ଆସିଥିବା ପର୍ଯ୍ୟବେକ୍ଷକମାନେ ଫେରିଯାଇଥିଲେ।

ସୂଚନାଯୋଗ୍ୟ, ବହୁଦିନ ହେବ ବଡ଼ଚଣା ବ୍ଲକ୍ କଂଗ୍ରେସ ସଭାପତି ପଦ ଖାଲି ପଡିଛି। ସଭାପତି ପଦବୀ ପୂରଣ ପାଇଁ ସୋମବାର ସହମତି ଭିତ୍ତିରେ କାର୍ଯ୍ୟ କରିବାକୁ ପ୍ରଦେଶ କଂଗ୍ରେସ କମିଟି ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ଚଣ୍ଡିଖୋଲ ଶାନ୍ତି ମଣ୍ଡପରେ ସୋମବାର ଏହି ଚୟନ ପ୍ରକ୍ରିୟା କରାଯିବ ବୋଲି କଂଗ୍ରେସ କର୍ମୀମାନଙ୍କୁ ଅବଗତ କରାଯାଇଥିଲା। ସେଥିପାଇଁ ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ, ଏଆଇସିସି ସଭ୍ୟ ଶୁଭେନ୍ଦୁ ମହାନ୍ତି ଓ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ରଙ୍କ ପୁଅ ରାଜ ନାରାୟଣ ମହାପାତ୍ରଙ୍କ ସମର୍ଥକମାନେ ବୈଠକ ସ୍ଥଳକୁ ଆସିଥିଲେ। ଚଣ୍ଡିଖୋଲ ଛକରୁ ଏକ ଶୋଭାଯାତ୍ରାରେ ରାଜ ନାରାୟଣ ତାଙ୍କ ସମର୍ଥକମାନଙ୍କୁ ନେଇ ଶାନ୍ତିମଣ୍ଡପରେ ପହଞ୍ଚିବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇ ଯାଇଥିଲା। କେତେଜଣ କର୍ମୀ ରାଜ ନାରାୟଣଙ୍କୁ ଲକ୍ଷ୍ୟ କରି 'ତୁମେ କଂଗ୍ରେସର ସଭ୍ୟ ନୁହଁ' ବୋଲି ଚିତ୍କାର କରି କହିବା ପରେ ବିବାଦ ସୃଷ୍ଟି ହୋଇଥିଲା। ରାଜ ନାରାୟଣଙ୍କ ସମର୍ଥକମାନେ ଏଥିରେ ଉତ୍‌କ୍ଷିପ୍ତ ହୋଇ ପାଟିତୁଣ୍ଡ କରିଥିଲେ। ଏପରି କି ଉଭୟ ଗୋଷ୍ଠୀ ମଧ୍ୟରେ ଠେଲାପେଲା ଆରମ୍ଭ ହୋଇଥିଲା। ଶେଷରେ ଏହି ବିବାଦ ଗଣ୍ଡଗୋଳ ରୂପ ନେବା ପରେ ପର୍ଯ୍ୟବେକ୍ଷକ ଭାବେ ଆସିଥିବା ଜ୍ଞାନଦେବ ବେଉରିଆ ବୈଠକକୁ ବାତିଲ ଘୋଷଣା କରିଥିଲେ। ଏଥିରେ ଜିଲା କଂଗ୍ରେସ ସଭାପତି ମନୋଜ ରାଉତ ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛି। ଏହି ଖବର ଲେଖା ହେବା ପର୍ଯ୍ୟନ୍ତ ବଡ଼ଚଣା ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏ ସମ୍ପର୍କରେ ଏଆଇସିସି ସଭ୍ୟ ମହାନ୍ତି ଓ ଅଜୟ ସାମଲଙ୍କୁ ପଚାରିବାରୁ ଉଭୟ କୁହନ୍ତି, କଂଗ୍ରେସର ସଭ୍ୟ ନ ଥିବା କେତେଜଣ ବ୍ୟକ୍ତି ନିଜକୁ କଂଗ୍ରେସ କର୍ମୀ କହି ଆସି ଏଠାରେ ଗଣ୍ଡଗୋଳ କରିଥିଲେ। ସେଥିପାଇଁ ବୈଠକକୁ ବନ୍ଦ କରାଗଲା।

